CAREERINDIA

**Code No.113/1**

**Roll No.** | | | | | | | | |

**Candidates must write the Code No. on the title page of the Answer Book.**

# SAMPLE QUESTION PAPER 2021-22
## Term-I Examination
## CLASS – XII
## ODIA (Code-113)

**Time Allowed: 90 minutes** **Maximum Marks: 40**

**General Instructions:**

- Please check that this question paper contains **10** printed pages.
- Set number given on the right hand side of the question paper should be written on the title page of the answer book by the candidate.
- Please check that this question paper contains **50** questions, out of which **40** questions need to be attempted.
- The question paper consists of three parts:

| | | |
|---|---|---|
| PART A: | Comprehension | 10 Marks |
| PART B: | Grammar | 10 Marks |
| PART C: | Literature | 20 Marks |

www.careerindia.com

## PART-A

1. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ ପାଠକରି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବାଛ । **(ଯେ କୌଣସି ୫ଟିର)** (5x1=5)

ବନ୍ଧୁତା ମଣିଷ ସମାଜ ପାଇଁ ଭଗବାନଙ୍କର ଏକ ଆଶୀର୍ବାଦ । ସାଧାରଣତଃ ଦୁଇ ହୃଦୟର ମିଳନ ହିଁ ବନ୍ଧୁତା ବୋଲି କୁହାଯାଏ । ସେଥିପାଇଁ ମହାଜ୍ଞାନୀ ଚାଣକ୍ୟ ବନ୍ଧୁତାର ସଂଜ୍ଞା ନିରୂପଣ କରି କହନ୍ତି– ‘‘ରାଜଦ୍ୱାରେ ଶ୍ମଶାନେ ଚ ଯ ତିଷ୍ଠତି ସ ବାନ୍ଧବଃ’’ । ପ୍ରକୃତରେ କହିବାକୁ ଗଲେ ଯେ ସୁଖରେ ଓ ଦୁଃଖରେ ମନୁଷ୍ୟର ପାଖେ ପାଖେ ରହି ଉପକାର ସାଧନ କରେ, ସେ ହିଁ ବନ୍ଧୁ । ପରସ୍ପର ହୃଦୟରେ ଥିବା ସ୍ନେହ ଓ ମମତାର ବନ୍ଧନରୁ ଜନ୍ମ ନେଇଥିବା ବନ୍ଧୁତା ବାସ୍ତବିକ୍ ଚିରନ୍ତନ ଓ ଶାଶ୍ୱତ । ବନ୍ଧୁତା ମାନବକୁ ଦେବତାର ସୋପାନରେ ପହଞ୍ଚାଇଥାଏ । ହୃଦୟର ସମସ୍ତ କାଳିମା ଓ ସ୍ୱାର୍ଥପରତାକୁ ଧୋଇଦେଇ ମଣିଷ ଜୀବନକୁ ପବିତ୍ର ଓ ସୁନ୍ଦର କରିଥାଏ । ସମାଜରେ ଏହାର ଏକ ବିଶେଷ ଆବଶ୍ୟକତା ରହିଛି । ମଣିଷ ଜୀବନ ସର୍ବଦା ସଂଗ୍ରାମପୂର୍ଣ୍ଣ, ବିଶେଷତଃ ଆଧୁନିକ ଜୀବନରେ ମଣିଷ ବଞ୍ଚିବା ପାଇଁ ଅହରହ ସଂଗ୍ରାମ କରୁଛି । ଏଣୁ ଏପରି ସ୍ଥଳେ ତା’ର ଅନ୍ୟସହ ବନ୍ଧୁତା ଏକାନ୍ତ ଜରୁରୀ । ଏହି ବସ୍ତୁବାଦୀ ସ୍ୱାର୍ଥପର ଦୁନିଆରେ ଅସାଧୁ ବନ୍ଧୁଙ୍କର ଅଭାବ ନାହିଁ । ସ୍ୱାର୍ଥ ସାଧନ ଅସାଧୁ ବନ୍ଧୁର ପ୍ରଥମ ଲକ୍ଷଣ । ମିଠା ମିଠା କଥା କହି ସ୍ୱାର୍ଥ ପୂରଣ ପାଇଁ ଏମାନେ

CAREERINDIA

ଅପେକ୍ଷା କରିଥାନ୍ତି । ଏଣୁ ଉପଯୁକ୍ତ ପରୀକ୍ଷା କରି ବନ୍ଧୁଙ୍କୁ ଗ୍ରହଣ କରିବା ଉଚିତ୍ । ଏ ବିରାଟ ସ୍ୱାର୍ଥପର ଦୁନିଆରେ ବନ୍ଧୁତା ହିଁ ଅମୃତମୟ । ବନ୍ଧୁତା ବ୍ୟକ୍ତିକୈନ୍ଦ୍ରିକ ନହୋଇ ଆଜି ବିଶ୍ୱବ୍ୟାପୀ ହୋଇପାରିଛି । ତେଣୁ ଦେଶ ଦେଶ ମଧ୍ୟରେ ବନ୍ଧୁତା ସୃଷ୍ଟି ପାଇଁ ମିଳିତ ଜାତିସଂଘ ଜନ୍ମ ନେଇଛି ।

(କ) ମଣିଷ ସମାଜ ନିମନ୍ତେ ଭଗବାନଙ୍କର ଏକ ଆଶୀର୍ବାଦ ବୋଲି କାହାକୁ କୁହାଯାଇଛି ? (1)

(i) ବନ୍ଧୁତା

(ii) ଶତ୍ରୁତା

(iii) ନିଷ୍ଠୁରତା

(iv) ସୁଜନତା

(ଖ) ''ରାଜଦ୍ୱାରେ ଶ୍ମଶାନେ ଚ ଯ ତିଷ୍ଠତି ସ ବାନ୍ଧବଃ'' ଉକ୍ତିଟି କିଏ କହିଛନ୍ତି ? (1)

(i) ଚାଣକ୍ୟ

(ii) କାଳିଦାସ

(iii) ଭୀମଭୋଇ

(iv) ବିକ୍ରମାଦିତ୍ୟ

(ଗ) କିଏ ପ୍ରକୃତ ବନ୍ଧୁ ପଦବାଚ୍ୟ ? (1)

(i) ଯେ ସୁଖରେ ମନୁଷ୍ୟ ପାଖରେ ରହିଥାଏ

(ii) ଯେ ଦୁଃଖରେ ମନୁଷ୍ୟ ପାଖରେ ରହିଥାଏ

(iii) ଯେ ପାଇବା ଆଶାରେ ମନୁଷ୍ୟ ପାଖରେ ଥାଏ

(iv) ଯେ ସୁଖରେ ଓ ଦୁଃଖରେ ମନୁଷ୍ୟ ପାଖରେ ରହି ସାହାଯ୍ୟ କରିଥାଏ

(ଘ) ଅସାଧୁ ବନ୍ଧୁର ପ୍ରଥମ ଲକ୍ଷଣ କ'ଣ ? (1)

(i) ଦେବତାପରି ସବୁବେଳେ ଦେଇ ଚାଲିବା

(ii) ପରନିନ୍ଦା

(iii) ସ୍ୱାର୍ଥସାଧନ

(iv) ଜୀବନକୁ ଅସୁନ୍ଦର ଓ ଅପବିତ୍ର କରିବା

(ଙ) କାହିଁକି ଜାତିସଂଘ ଜନ୍ମ ନେଇଛି ? (1)

(i) ନିର୍ଦ୍ଦିଷ୍ଟ ଜାତି ମଧ୍ୟରେ ବନ୍ଧୁତା ସୃଷ୍ଟି ପାଇଁ

(ii) ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବନ୍ଧୁତା ସୃଷ୍ଟି ପାଇଁ

(iii) ଦେଶ ଦେଶ ମଧ୍ୟରେ ବନ୍ଧୁତା ସୃଷ୍ଟି ପାଇଁ

(iv) କେବଳ ଦେଶ ମଧ୍ୟରେ ବନ୍ଧୁତା ସୃଷ୍ଟି ପାଇଁ

www.careerindia.com

(ଚ) ଆଧୁନିକ ଜୀବନରେ ମଣିଷ ବଞ୍ଚିବା ପାଇଁ ଅହରହ କ'ଣ କରୁଛି ? (1)

(i) ଗୀତ ଗାଉଛି

(ii) ସଂଗ୍ରାମ କରୁଛି

(iii) ପରିଶ୍ରମ କରୁଛି

(iv) ଅଳସୁଆ ହୋଇ ବସିରହିଛି

2. ଦିଆଯାଇଥିବା କବିତାଂଶକୁ ପାଠକରି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବାଛ । (ଯେ କୌଣସି ୫ଟିର) (5x1=5)

''ଯା ଦେଖି ଜାଣିବେ ଜଗତେ ସମସ୍ତେ,
ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ ।''
ଏହି ମହାବାକ୍ୟ ମନେ ମନେ ହେଜି,
ସତ୍ତ୍ୱଗୁଣ ଭଜ ଲୋଭ ମଦ ତେଜି ।
ଅକାରଣେ କିମ୍ପା ତଣ୍ଡି ଅରକ୍ଷିତ,
ଅଳ୍ପଦିନ ପାଇଁ ସଞ୍ଚୁଅଛ ବିତ୍ତ ।
ବୋଲାଅ ଜଗତେ ସିନା ଲକ୍ଷ-ପୋଷୀ,
ଫଳେ ତୁମ୍ଭେ ଜଣେ ଜଣେ ଲକ୍ଷ-ଶୋଷୀ ।
ଗଣିକା, ଓକିଲ, ଛାମୁଆ ପୋଷଣ,
ଲାଗି କର କିମ୍ପା ପ୍ରଜାଙ୍କୁ ଶୋଷଣ ?
ପ୍ରଜା ରକ୍ତ, ସ୍ୱେଦ ଲୋତକେ ଅର୍ଜିତ,
ଅଭିଶପ୍ତ ରାଶି ରାଶି ପାପବିତ୍ତ ।

(କ) ''ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ''- ଉକ୍ତିଟି କାହା ଉଦ୍ଦେଶ୍ୟରେ କୁହାଯାଇଛି?(1)

(i) ରାଧାନାଥ ରାୟଙ୍କ ଉଦ୍ଦେଶ୍ୟରେ

(ii) ରାଜାମାନଙ୍କ ଉଦ୍ଦେଶ୍ୟରେ

(iii) ସାମନ୍ତ ଚନ୍ଦ୍ରଶେଖରଙ୍କ ଉଦ୍ଦେଶ୍ୟରେ

(iv) ବିଶ୍ୱବିଜୟୀ ଆଲେକଜାଣ୍ଡାରଙ୍କ ଉଦ୍ଦେଶ୍ୟରେ

(ଖ) ''ଅଳ୍ପଦିନ'' ଶବ୍ଦଟିକୁ କବି କାହା ପାଇଁ ବ୍ୟବହାର କରିଛନ୍ତି ? (1)

(i) ଅଳ୍ପଦିନର ରାଜ ସିଂହାସନ ପାଇଁ

(ii) ଅଳ୍ପଦିନରେ ବିଦାୟ ନେବାକୁ ଥିବା ଇଂରେଜମାନଙ୍କ ପାଇଁ

(iii) ମଣିଷର କ୍ଷଣିକ ଜୀବନ ପାଇଁ

(iv) ପ୍ରଜାଙ୍କର ଅଳ୍ପଧନ ପାଇଁ

www.careerindia.com

CAREERINDIA

(ଗ) ରାଜାମାନଙ୍କୁ କାହିଁକି ଲକ୍ଷ-ପୋଷୀ ବୋଲି କୁହାଯାଇଛି ? (1)

(i) କାରଣ ରାଜାମାନେ ଲକ୍ଷ ଲକ୍ଷ ପଶୁପକ୍ଷୀଙ୍କୁ ପାଳନ କରିଥାନ୍ତି

(ii) ଲକ୍ଷ ଲକ୍ଷ ପ୍ରଜାଙ୍କ ଭରଣପୋଷଣ କରିଥାନ୍ତି

(iii) ଲକ୍ଷ ଲକ୍ଷ ଟଙ୍କା ନିଜ ପାଇଁ ବ୍ୟୟ କରିଥାନ୍ତି

(iv) ଲକ୍ଷ ଲକ୍ଷ ଟଙ୍କା ତୋଷାମଦକାରୀଙ୍କ ନିମନ୍ତେ ବ୍ୟୟ କରିଥାନ୍ତି

(ଘ) ପାପବିତ୍ତ ବୋଲି କାହାକୁ କୁହାଯାଇଛି ? (1)

(i) ଯେଉଁ ବିତ୍ତ ପାପୀମାନଙ୍କ ଠାରୁ ଅଣାଯାଇଥାଏ

(ii) ଯେଉଁ ବିତ୍ତ ପାପୀଙ୍କ ନିମନ୍ତେ ବ୍ୟୟ କରାଯାଏ

(iii) ଯେଉଁ ବିତ୍ତ ପରିଶ୍ରମ ପୂର୍ବକ ଅର୍ଜନ କରାଯାଇଥାଏ

(iv) ଯେଉଁ ବିତ୍ତ ବିନାଶ୍ରମରେ ଅର୍ଜନ କରାଯାଇଥାଏ

(ଙ) ଅକାରଣରେ ରାଜାମାନେ କେଉଁମାନଙ୍କୁ ତଣ୍ଡୁଥିଲେ ? (1)

(i) ସାଧାରଣ ଦରିଦ୍ର ପ୍ରଜାମାନଙ୍କୁ

(ii) ଇଂରେଜମାନଙ୍କ କର୍ମଚାରୀମାନଙ୍କୁ

(iii) ନବନିଯୁକ୍ତ ଜମିଦାରମାନଙ୍କୁ

(iv) ଗଣିକା, ଓକିଲ ଓ ଛାମୁଆମାନଙ୍କୁ

(ଚ) ଲୋଭ ମଦ ତେଜି କେଉଁ ଗୁଣକୁ ଭଜିବା ପାଇଁ କବି ପରାମର୍ଶ ଦେଇଛନ୍ତି? (1)

(i) ତମ

(ii) ସତ୍ତ୍ୱ

(iii) କ୍ରୋଧ

(iv) ପରଶ୍ରୀକାତରତା

www.careerindia.com

## PART-B

3. **ଯେ କୌଣସି ୫ଟିର** ଠିକ୍ ବିପରୀତାର୍ଥବୋଧକ ଶବ୍ଦ ବାଛ । (5x1=5)

(କ) ଆନନ୍ଦ – (1)

(i) ନିରାନନ୍ଦ

(ii) ସାନନ୍ଦ

(iii) ଅତ୍ୟାନନ୍ଦ

(iv) ଅବିନନ୍ଦ

(ଖ) ଇଚ୍ଛା – (1)

(i) ଅନିଚ୍ଛା

(ii) ଅତିଚ୍ଛା

(iii) ଅଧିଚ୍ଛା

(iv) ମନୈଚ୍ଛା

(ଗ) ପୁରସ୍କାର – (1)

(i) ପୁରସ୍କୃତ

(ii) ତୀରସ୍କାର

(iii) ତିରସ୍କାର

(iv) ନିସ୍ତାର

(ଘ) ସକାମ – (1)

(i) ଅକାମ

(ii) ନିଷ୍କାମ

(iii) ନିଷ୍କର୍ମ

(iv) କୁକର୍ମ

(ଙ) ସ୍ୱତନ୍ତ୍ର – (1)

(i) ଅତନ୍ତ୍ର

(ii) ଗଣତନ୍ତ୍ର

(iii) ପରତନ୍ତ୍ର

(iv) ସାଧାରଣତନ୍ତ୍ର

(ଚ) ପ୍ରବେଶ – (1)

(i) ପଛଗମନ

(ii) ଗମନ

(iii) ନିର୍ଗମନ

(iv) ପ୍ରସ୍ଥାନ

4. ସମୋଚ୍ଚାରିତ ଶବ୍ଦ । (ଉତ୍ତର ପର୍ଯ୍ୟାୟରୁ **ଯେ କୌଣସି ୫ଟିର** ଠିକ୍ ଉତ୍ତର ବାଛ)(5x1=5)

(କ) ଗୁଣି – ଗୁଣୀ (1)

(i) ଗୁଣବାନ – ତନ୍ତ୍ରବିଦ୍ୟା

(ii) ତନ୍ତ୍ରବିଦ୍ୟା – ଗୁଣବାନ

(iii) ଗୁଣନ – ତନ୍ତ୍ରବିଦ୍ୟା

(iv) ଗୁଣନ – ଗୁଣିହେବା

(ଖ) ଗୋଲକ – ଗୋଲୋକ (1)

(i) ଗୋଲାକାର ବସ୍ତୁ – ସ୍ୱର୍ଗପୁର

(ii) ସ୍ୱର୍ଗପୁର – ଗୋଲାକାର ବସ୍ତୁ

(iii) ସ୍ୱର୍ଗପୁର – ଗୋଲାକାର ମନୁଷ୍ୟ

(iv) ଗୋଲାକାର ବସ୍ତୁ – ମର୍ତ୍ତ୍ୟପୁର

(ଗ) ଶର – ସର (1)

www.careerindia.com

(i) ଧନୁଶର – ପୋଖରୀ
(ii) ପୋଖରୀ – କ୍ଷୀରସର
(iii) କ୍ଷୀରସର – ଧନୁଶର
(iv) ପୋଖରୀ – ଧନୁଶର

(ଘ) ଅସି – ଅଶୀ (1)
(i) ଠେଙ୍ଗା – ପଥର
(ii) ଖଣ୍ଡା – ସଂଖ୍ୟା ବିଶେଷ
(iii) ବାଳକ – ଗଛ
(iv) ପବନ – ଅନଳ

(ଙ) ପଟ – ପଟ୍ଟ (1)
(i) ଯବନିକା – ଶ୍ରେଷ୍ଠ
(ii) ଯବନିକା – କଦଳୀ ପଟୁଆ
(iii) କଦଳୀ ପଟୁଆ – ଯବନିକା
(iv) ଶ୍ରେଷ୍ଠ – ଯବନିକା

(ଚ) ବିଷ – ବିସ (1)
(i) ପଦ୍ମନାଡ଼ – ସଂଖ୍ୟାବିଶେଷ
(ii) ପଦ୍ମନାଡ଼ – ଜହର
(iii) ଜହର – ପଦ୍ମନାଡ଼
(iv) ସଂଖ୍ୟାବିଶେଷ – ପଦ୍ମନାଡ଼

## PART-C

5. ଉତ୍ତର ପର୍ଯ୍ୟାୟରୁ **ଯେ କୌଣସି** ୮ଟି **ପ୍ରଶ୍ନର** ଠିକ୍ ଉତ୍ତର ବାଛ । (8x1=8)

(କ) ମାନବର ପ୍ରକୃତ ଉନ୍ନତି କାହା ସଙ୍ଗେ ଘନିଷ୍ଠ ଭାବରେ ରହିଛି ? (1)
(i) ସତ୍ୟ
(ii) ମିଥ୍ୟା
(iii) ପାପ
(iv) ପୁଣ୍ୟ

(ଖ) କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର ହୃତ୍କମ୍ପ ହୁଏ ? (1)
(i) ଅସହଯୋଗ ଆନ୍ଦୋଳନ
(ii) ସିପାହୀ ବିଦ୍ରୋହ
(iii) ଫରାସୀ ରାଷ୍ଟ୍ରବିପ୍ଳବ
(iv) ଭୂଦାନ ଆନ୍ଦୋଳନ

(ଗ) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ? (1)

www.careerindia.com

(i) ଆତ୍ମଜ୍ଞାନ ଲାଭ

(ii) ତତ୍ତ୍ୱ ନିରୂପଣ ପ୍ରୟାସ

(iii) ଅନ୍ତର୍ଦୃଷ୍ଟି

(iv) ଈଶ୍ୱର ଚିନ୍ତା

(ଘ) ଅନନ୍ତ ପ୍ରକୃତି ସାଙ୍ଗରେ କାହାର ନିତ୍ୟ ଯୋଗ ହୋଇଥାଏ ? (1)

(i) ମନୁଷ୍ୟ

(ii) ଈଶ୍ୱର

(iii) ପଶୁ

(iv) ପକ୍ଷୀ

(ଙ) ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ? (1)

(i) ଇତିହାସ

(ii) ପୁରାଣ

(iii) ବିଜ୍ଞାନ

(iv) ଦର୍ଶନ

(ଚ) ପ୍ରସିଦ୍ଧ ପଣ୍ଡିତ ପ୍ରଚଳିତ ଇତିହାସକୁ ଗଭୀରତାଶୂନ୍ୟ କେଉଁ ଗଳ୍ପବୋଲି କହିଛନ୍ତି? (1)

(i) ଆଇମା ଗଳ୍ପ

(ii) ଅସୁର-ଅସୁରୁଣୀ ଗଳ୍ପ

(iii) ଗାଲ ଗଳ୍ପ

(iv) ଗ୍ରାମ୍ୟ ଗଳ୍ପ

(ଛ) ପ୍ରାଚୀନ କେଉଁ ଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ? (1)

(i) ଚିକିତ୍ସା

(ii) ଧର୍ମ

(iii) କାବ୍ୟ

(iv) ନାଟ୍ୟ

(ଜ) କେଉଁ ଶିକ୍ଷା ମଣିଷ ପାଇଁ ଅଧିକ ଉପଯୋଗୀ ? (1)

(i) ଉପଦେଶାତ୍ମକ ଶିକ୍ଷା

(ii) କାଳ୍ପନିକ ଶିକ୍ଷା

(iii) ଦୃଷ୍ଟାନ୍ତ ଶିକ୍ଷା

(iv) ବର୍ଣ୍ଣନାତ୍ମକ ଶିକ୍ଷା

CAREERINDIA

(ଙ) ବିଧାତା କାହାକୁ ଉଚ୍ଚ ଅଧିକାର ଦିଅନ୍ତି ? (1)

(i) ନିରକ୍ଷର

(ii) ଯୋଗ୍ୟଲୋକ

(iii) ସାକ୍ଷର

(iv) ଅଯୋଗ୍ୟଲୋକ

(ଚ) ଈଶ୍ୱର ଆମ୍ଭମାନଙ୍କ ଦେଶକୁ କେଉଁ ଅନୁରାଗ ହସ୍ତରୁ ଉଦ୍ଧାର କରନ୍ତୁ ? (1)

(i) ସରଳ

(ii) ଅବସନ୍ନ

(iii) ନିଜସ୍ୱ

(iv) ବିକୃତ

6. ଉତ୍ତର ପର୍ଯ୍ୟାୟରୁ **ଯେ କୌଣସି ୭ଟି ପ୍ରଶ୍ନର** ଠିକ୍ ଉତ୍ତର ବାଛ । (7x1=7)

(କ) ତରୁଲତାଗଣ କ'ଣ ଶୁଣି ଅଥୟ ହୁଅନ୍ତି ? (1)

(i) ଲବକୁଶଙ୍କ ରାମାୟଣ ଗାନ

(ii) ସୀତାଙ୍କ କ୍ରନ୍ଦନ

(iii) ଋଷିମାନଙ୍କ ଓଁକାର ଧ୍ୱନି

(iv) ଋଷିମାନଙ୍କର ବେଦ ଧ୍ୱନି

(ଖ) ଧନ ଅର୍ଜନର ସଫଳତା କେଉଁଠି ଥାଏ ? (1)

(i) ଖାଇପିଇ ଆରାମ କରିବାରେ

(ii) ବିଳାସ ବ୍ୟସନରେ ବ୍ୟୟ କରିବାରେ

(iii) ସୁବ୍ୟୟରେ

(iv) ଅନ୍ୟକୁ ଦାନ କରିବାରେ

(ଗ) ଆୟୁ ବଢିଗଲେ ମାୟାର ପ୍ରଭାବ କିପରି ହୁଏ ? (1)

(i) ଛାୟାପରି ବଢିଯାଏ

(ii) ବ୍ୟକ୍ତି ନିର୍ଲିପ୍ତ ହୋଇଯାଏ

(iii) ମାୟାର ଆକର୍ଷଣ ରହେନାହିଁ

(iv) ମାୟା କମିଯାଏ

(ଘ) ରାମଚନ୍ଦ୍ରଙ୍କ ସଦ୍ ଗୁଣାବଳୀ ଶତଗୁଣିତ ହେଉଥିବ କାହିଁକି ? (1)

(i) ସୀତାଙ୍କ ସ୍ମୃତିକୁ ମନେପକାଇ

(ii) ଲବକୁଶଙ୍କ ପରିଚୟ ପାଇ

(iii) ନବବଧୂକୁ ମୁଗ୍ଧ କରିବା ପାଇଁ

(iv) ଋଷିମାନଙ୍କୁ ଆନନ୍ଦ ପ୍ରଦାନ କରିବା ପାଇଁ

www.careerindia.com

CAREERINDIA

(ଙ) ଭଙ୍ଗା ମାଠିଆରୁ ପାଣି ବୋହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ? (1)

(i) ବଳ

(ii) ଆୟୁ

(iii) ଧନ

(iv) ଯୌବନ

(ଚ) ତାପସଙ୍କ ଅଶାନ୍ତି ନାଶକ ବୋଲି କାହାକୁ କୁହାଯାଇଛି ? (1)

(i) ରାମଚନ୍ଦ୍ର

(ii) ରାବଣ

(iii) ସୀତା

(iv) ବାଲ୍ମୀକି

(ଛ) ବିଧାତା ଧର୍ମ ରୂପକ ପୋତ ଗଢିଛନ୍ତି କାହିଁକି ? (1)

(i) ରାଜ୍ୟ ଶାସନ କରିବା ପାଇଁ

(ii) ଧର୍ମହୀନ ବ୍ୟକ୍ତିକୁ ଧର୍ମ ସଂପର୍କରେ ସଚେତନ କରିବା ପାଇଁ

(iii) ଧର୍ମର ପ୍ରଚାର କରିବା ପାଇଁ

(iv) ସଂସାର ବାରିଧିକୁ ଅତିକ୍ରମ କରିବା ପାଇଁ

(ଜ) ସୀତାଙ୍କ ପୁତ୍ର ଦ୍ୱୟ କିପରି ଜନନୀଙ୍କ ଜୀବନ କନ୍ଦାଉଥିଲେ ? (1)

(i) ପରସ୍ପର ମଧ୍ୟରେ କଳହ କରି

(ii) ବୀଣା ସହକାରେ ରାମାୟଣ ଗାନ କରି

(iii) ରାମଚନ୍ଦ୍ରଙ୍କ କଥା ମନେ ପକାଇ

(iv) ପିତାଙ୍କ ପରିଚୟ ପଚାରି

(ଝ) ସୀତା ପତ୍ର ଲେଖୁଥିବା ବେଳେ କିଏ ହସି ହସି ପହଞ୍ଚିଲେ ? (1)

(i) ବାଲ୍ମୀକି

(ii) ସଖୀ

(iii) ରାମଙ୍କ ଦୂତ

(iv) ଲବ-କୁଶ

7. ଉତ୍ତର ପର୍ଯ୍ୟାୟରୁ **ଯେ କୌଣସି ୫ଟି ପ୍ରଶ୍ନର** ଠିକ୍ ଉତ୍ତର ବାଛ । (5x1=5)

(କ) ମହାଜନ ବାବୁ ବଳରାମ ବଳଙ୍କର ଘର ଓଡ଼ିଶାର କେଉଁ ଅଞ୍ଚଳରେ ? (1)

(i) ବାଲେଶ୍ୱର

(ii) ଯାଜପୁର

(iii) କେନ୍ଦ୍ରାପଡା

(iv) କେନ୍ଦୁଝର

www.careerindia.com

(ଖ) ଗୋପାଳର ନାଁ 'ବାବୁ ଗୋପାଳଚ଼ନ୍ଦ୍ର ମହାପାତ୍ର' ବୋଲି କିଏ ଲେଖିଥାଏ ? (1)

(i) ମୋହରୀର

(ii) ମୁସ୍ତରୀ

(iii) ମ୍ୟାନେଜର

(iv) ଗୁମାସ୍ତା

(ଗ) 'ଗଙ୍ଗାଲାଭ' ବୋଇଲେ କ'ଣ ବୁଝ ? (1)

(i) ବ୍ରତ

(ii) ପୁଣ୍ୟ

(iii) ମୃତ୍ୟୁ

(iv) ସ୍ନାନ

(ଘ) ତାଲୁକ ମଧ୍ୟରେ କେଉଁ ଗ୍ରାମଟି ସବୁଠାରୁ ବଡ଼ ଥିଲା ? (1)

(i) ମଦନପୁର

(ii) ଶ୍ୟାମପୁର

(iii) ମାନପୁର

(iv) ନରଣପୁର

(ଙ) ନୂଆ ଜମିଦାରଙ୍କ ବିବାହ ପାଇଁ କେଉଁଠାରେ କନ୍ୟା ଠିକ୍ ହୋଇଥିଲା ? (1)

(i) କଟକ

(ii) ବାଲେଶ୍ୱର

(iii) କଲିକତା

(iv) ଯାଜପୁର

(ଚ) କୁମ୍ଭୀର କ'ଣ ଖୋଜିଥାଏ ବୋଲି କୁହାଯାଇଛି ? (1)

(i) ଲୁଣିପାଣି

(ii) କାଦୁଅପାଣି

(iii) ପଙ୍କୁଆପାଣି

(iv) ଗୋଳିଆପାଣି

(ଛ) ଦେବୀ ଓଝା କିଏ ? (1)

(i) ସରପଞ୍ଚ

(ii) ଅବଧାନ

(iii) ଓ୍ୱାର୍ଡମେମ୍ବର

(iv) ଦୋକାନୀ

* * *



www.careerindia.com